
# ପ୍ରଥମ ଅଧ୍ୟାୟ

# ଭାରତ

## (ଆକାର ଓ ଅବସ୍ଥିତି)

ପୃଥିବୀର ଅନେକ ପ୍ରାଚୀନ ସଭ୍ୟତା ମଧ୍ୟରୁ ଆମ ଭାରତୀୟ ସଭ୍ୟତା ଅନ୍ୟତମ । ଏହା ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ସ୍ୱାଧୀନତା ପ୍ରାପ୍ତିଠାରୁ ବିଗତ ଛଅ ଦଶନ୍ଧି ମଧ୍ୟରେ ଭାରତ କୃଷି, ଶିଳ୍ପ, ଯୋଗାଯୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ଲାଭ କରିଛି । ଦେଶ ଆର୍ଥିକ ବିକାଶପଥରେ ଆଗେଇ ଚାଲିଛି । ୧୨୧ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଆମଦେଶର ସ୍ଥାନ ବିଶ୍ୱରେ ଦ୍ୱିତୀୟ । ଆମ ଦେଶ ନାନାବିଧ ପ୍ରାକୃତିକ ବୈଚିତ୍ର୍ୟରେ ପରିପୂର୍ଣ୍ଣ କାରଣ ଏହାର ଜଳବାୟୁ ଓ ଜନବସତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ । ଦେଶରେ ସୁଉଚ୍ଚ ପର୍ବତଶ୍ରେଣୀ, ମାଳଭୂମି, ଘନଅରଣ୍ୟ, ଅସଂଖ୍ୟ ନଦନଦୀ, ଉର୍ବର ସମତଳ ଭୂମି, ମରୁଭୂମି ଓ ବିବିଧ ପ୍ରକାରର ଜୀବଜନ୍ତୁ ଦେଖାଯାନ୍ତି । ଏହା ବ୍ୟତୀତ ବିଭିନ୍ନ ଭାଷାଭାଷୀ ଓ ଧର୍ମାବଲମ୍ବୀ ଲୋକ ବାସ କରନ୍ତି । ସେମାନଙ୍କର ଖାଦ୍ୟପେୟ, ବେଶପୋଷାକ ଓ ବୃତ୍ତିରେ ମଧ୍ୟ ବିଭିନ୍ନତା ଦେଖିବାକୁ ମିଳେ । ଏଭଳି ବିଷମତା ଥାଇ ମଧ୍ୟ ଭାରତ ଏକ ସୁସଂଗଠିତ ଭୂଖଣ୍ଡ ଯାହାର ଏକ ଭୌଗୋଳିକ ସ୍ୱାତନ୍ତ୍ୟ ଅଛି । ତେଣୁ ଭାରତକୁ ଏକ ଉପମହାଦେଶର ଆଖ୍ୟା ଦିଆଯାଇଛି । "ବିଭିନ୍ନତା ମଧ୍ୟରେ ଏକତା" ମଧ୍ୟ ଭାରତର ଅନ୍ୟତମ ବୈଶିଷ୍ଟ୍ୟ ।




ମାନଚିତ୍ର 1.1

ଭାରତ ଏକ ବିଶାଳ ଦେଶ । ମୂଳଭୂଖଣ୍ଡ ଓ ଦୁଇଟି ଦ୍ୱୀପପୁଞ୍ଜକୁ ନେଇ ଭାରତ ଗଠିତ । ଏହି ଦୁଇଟି ଦ୍ୱୀପପୁଞ୍ଜ ହେଲା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସ୍ଥିତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଦକ୍ଷିଣ-ପଶ୍ଚିମ ଦିଗରେ ଆରବ ସାଗରରେ ଅବସ୍ଥିତ ଲାକ୍ଷାଦ୍ୱୀପ । ଏହି ଦୁଇଟି ଦ୍ୱୀପପୁଞ୍ଜର ବିସ୍ତାର ଆଟଲାସ୍ ଦେଖି ବାହାର କର ।

## ଅବସ୍ଥିତି :

ଭାରତ ଉତ୍ତରଗୋଲାର୍ଦ୍ଧରେ ଏସିଆ ମହାଦେଶର ଦକ୍ଷିଣାଂଶରେ ଅବସ୍ଥିତ । ଏହାର ମୂଳ ଭୂଖଣ୍ଡ ୮°୪' ଉ. ଏବଂ ୩୭°୬' ଉ. ଅକ୍ଷାଂଶରେଖା ମଧ୍ୟରେ ଓ ୬୮°୭' ପୂର୍ବ ଓ ୯୭°୨୫' ପୂ. ଦ୍ରାଘିମା ମଧ୍ୟରେ ରହିଅଛି । କର୍କଟକ୍ରାନ୍ତି (୨୩°୩୦' ଉ.) ଏହାର ମଧ୍ୟଭାଗରେ କଳ୍ପନା କରାଯାଇଛି ଓ ଭାରତକୁ ପ୍ରାୟ ଦୁଇ ସମାନ ଭାଗରେ ବିଭକ୍ତ କରୁଅଛି । ଫଳତଃ ଭାରତ ସଂପୂର୍ଣ୍ଣ ରୂପେ ଉତ୍ତରଗୋଲାର୍ଦ୍ଧର ଉପକ୍ରାନ୍ତୀୟ ଓ କ୍ରାନ୍ତୀୟ ମଣ୍ଡଳରେ ରହିଅଛି ।

> **ତୁମେ ଜାଣିଛ କି ?**
>
> ***୧୮୬୯ ମସିହାରେ ସୁଏଜ କେନାଲ୍ ଖୋଲିବାପରେ ଭାରତ ଓ ଇଉରୋପ ମଧ୍ୟରେ ଦୂରତ୍ୱ 7000 km. ହ୍ରାସ ପାଇଛି ।***

> ***ଭାରତ ଉତ୍ତର-ପଶ୍ଚିମ ଦିଗରେ ସ୍ଥଳପଥ ଦ୍ୱାରା ପ୍ରାଚୀନ 'ରେଶମ ମାର୍ଗ' (Silk Rout) ସହ ସଂଯୁକ୍ତ ହୋଇଥିଲା ।***

## ଆକାର :

ଭାରତର କ୍ଷେତ୍ରଫଳ ୩.୨୮ ନିୟୁତ ବର୍ଗ କି.ମି. । ଅର୍ଥାତ୍ ପୃଥିବୀର ସମୁଦାୟ ଭୌଗୋଳିକ କ୍ଷେତ୍ରଫଳର ମାତ୍ର ୨.୪ ପ୍ରତିଶତ । ଏହାର ସ୍ଥଳଭାଗର ସୀମାରେଖା ପ୍ରାୟ ୧୫,୨୦୦ କି.ମି. ଥିବାବେଳେ ମୂଳଭୂଖଣ୍ଡ ସହ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଲାକ୍ଷାଦ୍ୱୀପପୁଞ୍ଜକୁ ମିଶାଇ ଉପକୂଳରେଖାର ଦୈର୍ଘ୍ୟ ୭,୫୦୦ କି.ମି.ରୁ ଅଧିକ ।


ବଡ଼ରୁ ସାନକ୍ରମରେ ପୃଥିବୀର ସାତଟି ଦେଶଗୁଡ଼ିକ ହେଲା- ରୁଷିଆ, କାନାଡ଼ା, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ବ୍ରାଜିଲ୍, ଅଷ୍ଟ୍ରେଲିଆ ଓ ଭାରତ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତ ପୃଥିବୀର ସପ୍ତମ ବୃହତ୍ତମ ଦେଶ ।

ରୁଷିଆ- ୧୭.୭, କାନାଡ଼ା-୯.୯୭, ଯୁକ୍ତରାଷ୍ଟ୍ର ଆମେରିକା- ୯.୮୦, ଚୀନ୍- ୯.୫୯, ବ୍ରାଜିଲ୍- ୮.୫୪, ଅଷ୍ଟ୍ରେଲିଆ- ୭.୬୮ ଓ ଭାରତ- ୩.୨୮ (କ୍ଷେତ୍ରଫଳ ବର୍ଗ ନିୟୁତ କି.ମି.ରେ)

ଭାରତର ଦକ୍ଷିଣତମ ସ୍ଥାନର ନାମ ଇନ୍ଦିରା ପଏଣ୍ଟ । ଏହା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦ୍ୱୀପରେ ଅବସ୍ଥିତ ।

> **ତୁମେ ଜାଣିଛ କି ?**
>
> ***ଭାରତର ଦକ୍ଷିଣତମ ସ୍ଥାନ 'ଇନ୍ଦିରାପଏଣ୍ଟ' ୨୦୦୪ ମସିହାରେ ଆସିଥିବା ସୁନାମି ଦ୍ୱାରା ସଂପୂର୍ଣ୍ଣ ଭାବରେ ସମୁଦ୍ରଗର୍ଭରେ ଲୀନ ହୋଇଯାଇଥିଲା ।***


***ମୂଳଭୂଖଣ୍ଡର ଦକ୍ଷିଣତମ ସ୍ଥାନ କନ୍ୟାକୁମାରୀ ତାମିଲନାଡୁ ରାଜ୍ୟରେ ଅବସ୍ଥିତ । ସେହିଭଳି ଉତ୍ତରତମ ସ୍ଥାନ କାରାକୋରମ ପର୍ବତଶ୍ରେଣୀରେ, ପୂର୍ବତମ ସ୍ଥାନ ଅରୁଣାଚଳ ପ୍ରଦେଶରେ ଏବଂ ସବୁଠାରୁ ପଶ୍ଚିମରେ ଥିବା ସ୍ଥାନ କଚ୍ଛରେ ଅବସ୍ଥିତ ।***




ଚିତ୍ର : 1



PB-03/15/11/2016




ମାନଚିତ୍ର : 1:2

## ଭାରତ ଏବଂ ପୃଥିବୀ :

ଭାରତବର୍ଷ ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆର ପ୍ରାୟ ମଧ୍ୟଭାଗରେ ଅବସ୍ଥିତ । (1:1 ମାନଚିତ୍ରକୁ ଦେଖ) । ଫଳତଃ ଭାରତର ଅବସ୍ଥିତି ଏସିଆ ମହାଦେଶର ଦକ୍ଷିଣାଂଶରେ ଆନ୍ତର୍ଜାତୀୟ ଜଳପଥର ଏକ ସୁବିଧାଜନକ ସ୍ଥିତିରେ ରହିଅଛି । ଦେଶର ଦକ୍ଷିଣଭାଗ କ୍ରମଶଃ ଅଣଓସାରିଆ ହୋଇ ସମୁଦ୍ରଆଡ଼କୁ ଲମ୍ବିଯାଇଛି ଓ ଏହାକୁ ସମୁଦ୍ର ତିନିଦିଗରୁ ଘେରି ରହିଥିବାରୁ ଭାରତ ଏକ ବୃହତ୍ ଉପଦ୍ୱୀପରେ ପରିଣତ ହୋଇଛି । ଏହାଫଳରେ ଭାରତ ମହାସାଗରର ଉତ୍ତରାଂଶ ଦୁଇଟି ବିସ୍ତିର୍ଣ୍ଣ ଜଳରାଶି ଯଥା : ବଙ୍ଗୋପସାଗର

> ***ତୁମେ ଜାଣିଛ କି ?***
> ***ଯେଉଁ ସଂକୀର୍ଣ୍ଣ ଭୂଖଣ୍ଡଟି ତା'ର ତିନିଦିଗରେ ଜଳରାଶି ଦ୍ୱାରା ବେଷ୍ଟିତ ହୋଇ ରହିଥାଏ, ତାକୁ ଉପଦ୍ୱୀପ କୁହାଯାଏ ।***

ଓ ଆରବ ସାଗରରେ ବିଭାଜିତ ହୋଇଅଛି । ଉତ୍ତର ଦିଗରେ ଭାରତକୁ ସୁଉଚ୍ଚ ହିମାଳୟ ପର୍ବତମାଳା ଏସିଆର ଅନ୍ୟାନ୍ୟ ଦେଶଗୁଡ଼ିକଠାରୁ ଅଲଗା ରଖିଅଛି । ଏହି କାରଣରୁ ପଶ୍ଚିମ ଉପକୂଳରୁ ପଶ୍ଚିମ ଇଉରୋପ ଏବଂ ପୂର୍ବ ଉପକୂଳରୁ ପୂର୍ବ ଏସିଆ ଦେଶଗୁଡ଼ିକ ସହ ଜଳପଥରେ ସଂପର୍କ ସ୍ଥାପନ ହୋଇପାରିଛି । ଭାରତ ମହାସାଗର ଉପକୂଳସ୍ଥ ଅନ୍ୟ କୌଣସି ଦେଶର ଉପକୂଳ ରେଖା ଭାରତର ଉପକୂଳ ଭଳି ଏତେ ଦୈର୍ଘ୍ୟ ନୁହେଁ । ତେଣୁ ଭାରତ ମହାସାଗରର ନାମକରଣ ଆମଦେଶର ନାମାନୁସାରେ ହେବା ଯଥାର୍ଥ ହୋଇଅଛି ।

ପୃଥିବୀର ଅନେକ ଦେଶ ସହିତ ଭାରତର ସଂପର୍କ ଯୁଗଯୁଗ ଧରି ରହିଆସିଛି । ସ୍ଥଳପଥର ସଂପର୍କ ଜଳପଥଦ୍ୱାରା ସ୍ଥାପିତ ସଂପର୍କର ବହୁପୂର୍ବରୁ ହୋଇଥିଲା । ଉତ୍ତରସ୍ଥ ପାର୍ବତ୍ୟାଞ୍ଚଳରେ ଥିବା ଅନେକ ଗିରିପଥ ପ୍ରାଚୀନ ପରିବ୍ରାଜକମାନଙ୍କୁ ପଦଯାତ୍ରାରେ ଯିବାଆସିବାପାଇଁ ସୁଯୋଗ ଦେଇଥିଲା । ମାତ୍ର ଜଳପଥ ପ୍ରଥମାବସ୍ଥାରେ ଏଥିରେ ଅନ୍ତରାୟ ଥିଲା ।

ଏହିସବୁ ଗମନାଗମନ ପଥ ବାଣିଜ୍ୟ କାରବାର ଓ ଭାବର ଆଦାନ ପ୍ରଦାନ ସହିତ ସାଂସ୍କୃତିକ କ୍ଷେତ୍ରରେ ପ୍ରାଚୀନ କାଳରୁ ମୁଖ୍ୟଭୂମିକା ଗ୍ରହଣ କରି ଆସିଅଛି । ଫଳତଃ ରାମାୟଣ ଓ ଉପନିଷଦର ତତ୍ତ୍ୱ, ପଞ୍ଚତନ୍ତ୍ରର ଗଳ୍ପ, ଭାରତୀୟ ସଂଖ୍ୟା ଓ ଦଶମିକ ବ୍ୟବସ୍ଥା ବହୁଦୂର ଦେଶରେ ପହଞ୍ଚି ପାରିଲା । ଭାରତୀୟ ମସଲା, ମସଲିନ୍ ଏବଂ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟର ବ୍ୟବସାୟ ଅନ୍ୟଦେଶରେ ହୋଇପାରିଲା । ପ୍ରାଚୀନ କାଳରୁ ଆରବ ଓ ଇଉରୋପୀୟ ବଣିକମାନେ ଭାରତରେ ବାଣିଜ୍ୟ କାରବାର ପାଇଁ ଆସି ବସବାସ କରିଛନ୍ତି ଏବଂ ଆଜିମଧ୍ୟ ଗମ୍ବୁଜ ଓ ମିନାର ଭଳି ଭାସ୍କର୍ଯ୍ୟ ଭାରତର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ପ୍ରଦତ୍ତ ମାନଚିତ୍ରକୁ ଲକ୍ଷ୍ୟକର ଏବଂ ଦେଖ ଯେ, ଭାରତର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ବିସ୍ତାର ପ୍ରାୟ ସମାନ (୩୦°) । ଏହି ଦୂରତ୍ୱକୁ କି.ମି.ରେ ପ୍ରକାଶ କଲେ ଏହା ସମାନ ହୁଏ ନାହିଁ । ଦେଶର ପୂର୍ବ-ପଶ୍ଚିମ ବିସ୍ତାର ପ୍ରାୟ ୩୦୦୦ କି.ମି. ହେଲାବେଳେ ଉତ୍ତର-ଦକ୍ଷିଣ ବିସ୍ତାର ପ୍ରାୟ ୩୨୦୦ କି.ମି. । ଏପରି ବ୍ୟବଧାନ କାହିଁକି ?

ଭୂଗୋଳକକୁ ଲକ୍ଷ୍ୟକଲେ ଜାଣିପାରିବ ଯେ ଦ୍ରାଘିମାରେଖାଗୁଡ଼ିକ ଅକ୍ଷାଂଶରେଖାଗୁଡ଼ିକ ଭଳି ସମାନାନ୍ତର ନୁହଁନ୍ତି । ସମସ୍ତ ଦ୍ରାଘିମାରେଖା ମେରୁଠାରେ ମିଳିତ ହୁଅନ୍ତି ଏବଂ ବିଷୁବରେଖାଠାରୁ ମେରୁଆଡ଼କୁ ଦ୍ରାଘିମାରେଖା ଗୁଡ଼ିକ ମଧ୍ୟରେ ବ୍ୟବଧାନ କ୍ରମଶଃ ହ୍ରାସପାଇ ମେରୁଠାରେ ଶୂନ୍ୟ ହୋଇଯାଏ ।


ଭାରତର ୩୦° ପୂର୍ବ-ପଶ୍ଚିମ ଦ୍ରାଘିମାରେଖୀୟ ବିସ୍ତାର ଯୋଗୁ ପୂର୍ବସ୍ଥ ଓ ପଶ୍ଚିମସ୍ଥ ସୀମାରେ ଥିବା ଦୁଇଟି ସ୍ଥାନ ମଧ୍ୟରେ ସ୍ଥାନୀୟ ସମୟର ବ୍ୟବଧାନ ୨ ଘଣ୍ଟା । ଏଇଥିପାଇଁ ଅରୁଣାଚଳ ପ୍ରଦେଶର ପୂର୍ବତମ ସ୍ଥାନରେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ହେବାର ଦୁଇଘଣ୍ଟାପରେ ଦ୍ୱାରକାରେ ଯଥାକ୍ରମେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ ହୋଇଥାଏ । ଏପରି କାହିଁକି ହୋଇଥାଏ ? ଏହି ପରିପ୍ରେକ୍ଷୀରେ ଭାରତର ପୂର୍ବତମ ରାଜ୍ୟ ଅରୁଣାଚଳ ପ୍ରଦେଶର ନାମକରଣ ତୁମ ମତରେ ଯଥାର୍ଥ ହୋଇନାହିଁକି ? ଦେଶର ବିଭିନ୍ନ ସ୍ଥାନରେ ସମୟ ସଂକ୍ରାନ୍ତୀୟ ଭିନ୍ନତାକୁ ଦୂର କରିବାପାଇଁ ମିର୍ଜାପୁର (ଉତ୍ତରପ୍ରଦେଶ) ଉପରଦେଇ କଳ୍ପନା କରାଯାଇଥିବା ୮୨°୩୦' ପୂ. ଦ୍ରାଘିମାରେଖାକୁ ଭାରତର ପ୍ରମାଣ ମଧ୍ୟାହ୍ନରେଖା (ମଧ୍ୟନ୍ଦିନ ରେଖା) ହିସାବରେ ମାନି ନିଆଯାଇଛି । ଏହାର ଉପରିସ୍ଥ ସ୍ଥାନୀୟ ସମୟକୁ **'ଭାରତୀୟ ପ୍ରମାଣ ସମୟ'** (Indian Standard Time) ବୋଲି ଧରାଯାଉଛି । ଦକ୍ଷିଣରୁ ଉତ୍ତର ଆଡ଼କୁ ଗଲେ ଅକ୍ଷାଂଶୀୟ ବିସ୍ତାର ଦିନ ଓ ରାତିମଧ୍ୟରେ ଅବଧିକୁ ପ୍ରଭାବିତ କରେ ।

ଚିନ୍ତାକର

- *୮୨°୩୦' ପୂର୍ବ ଦ୍ରାଘିମାରେଖାକୁ ଭାରତର ପ୍ରଧାନ ମଧ୍ୟାହ୍ନରେଖା ହିସାବରେ ବାଛିବାର କାରଣ କ'ଣ ?*
- *କନ୍ୟାକୁମାରୀଠାରେ ଦିନ ଓ ରାତିର ଅବଧିରେ ତାରତମ୍ୟ ପ୍ରାୟ ଅନୁଭବ ନହେଉଥିବା ବେଳେ କାଶ୍ମୀରରେ କାହିଁକି ଜଣାପଡ଼େ ?*

## ଆମର ପଡ଼ୋଶୀ ଦେଶ :

ସାମରିକ ଦୃଷ୍ଟିକୋଣରୁ ଭାରତ ଦକ୍ଷିଣ ଏସିଆର ଏକ ମହତ୍ତ୍ୱପୂର୍ଣ୍ଣ ଦେଶ । ଭାରତର ସ୍ଥଳ ସୀମାରେଖା ଉତ୍ତର-ପଶ୍ଚିମରେ ପାକିସ୍ତାନ ସହିତ, ଉତ୍ତରରେ ଚୀନ୍, ନେପାଳ ଓ ଭୁଟାନ୍, ପୂର୍ବରେ ବାଂଲାଦେଶ ଏବଂ ମିଆଁମାର ସହିତ ଲାଗିଅଛି । ଦକ୍ଷିଣରେ ଥିବା ଆମର ପଡ଼ୋଶୀ ଦେଶ ଶ୍ରୀଲଙ୍କା ଓ ମାଳଦ୍ୱୀପ ଦୁଇଟି ଦ୍ୱୀପରାଷ୍ଟ୍ର । ଶ୍ରୀଲଙ୍କା ଭାରତର ମୂଳ ଭୂଖଣ୍ଡରୁ ଏକ ସଂକୀର୍ଣ୍ଣ ଜଳରାଶି ପକ୍ ପ୍ରଣାଳୀ ଦ୍ୱାରା




ମାନଚିତ୍ର : 1:3

ବିଚ୍ଛିନ୍ନ ହୋଇଅଛି । ଲାକ୍ଷାଦ୍ୱୀପର ଦକ୍ଷିଣକୁ ମାଳଦ୍ୱୀପ ଅବସ୍ଥିତ । ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଅନତିଦୂରରେ ଦକ୍ଷିଣ-ପୂର୍ବ ଏସିଆର ଇଣ୍ଡୋନେସିଆ, ମାଲୟେସିଆ ଏବଂ ଥାଇଲାଣ୍ଡ ଆମର ପଡ଼ୋଶୀଦେଶ ।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାରତ ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ । ମୁଖ୍ୟତଃ ଭାଷା ଭିତ୍ତିରେ ରାଜ୍ୟଗୁଡ଼ିକ ଗଠନ କରାଯାଇଛି ଓ ପ୍ରଶାସନିକ ସୁବିଧା ପାଇଁ ରାଜ୍ୟଗୁଡ଼ିକ ଜିଲ୍ଲା ଓ ଜିଲ୍ଲାଗୁଡ଼ିକୁ ଅନେକ ଛୋଟ ଛୋଟ ବିଭାଗରେ ବିଭକ୍ତ କରାଯାଇଛି ।

**ନିମ୍ନରେ ଭାରତର ରାଜ୍ୟ କେନ୍ଦ୍ରଶାସିତ ଅଞ୍ଚଳ ଓ ସେମାନଙ୍କର ରାଜଧାନୀର ନାମ ଦିଆଯାଇଛି ।**

| | ରାଜ୍ୟ | ରାଜଧାନୀ |
|---|---|---|
| ୧. | ଆନ୍ଧ୍ରପ୍ରଦେଶ | ହାଇଦ୍ରାବାଦ |
| ୨. | ଅରୁଣାଚଳ ପ୍ରଦେଶ | ଇଟାନଗର |
| ୩. | ଆସାମ | ଦିସ୍‌ପୁର |
| ୪. | ବିହାର | ପାଟନା |
| ୫. | ଛତିଶଗଡ଼ | ରାୟପୁର |
| ୬. | ଗୋଆ | ପାଣାଜି |
| ୭. | ଗୁଜରାଟ | ଗାନ୍ଧୀନଗର |
| ୮. | ହରିୟାଣା | ଚଣ୍ଡିଗଡ଼ |
| ୯. | ହିମାଚଳ ପ୍ରଦେଶ | ସିମଳା |
| ୧୦. | ଜାମ୍ମୁ ଓ କାଶ୍ମୀର | ଶ୍ରୀନଗର |
| ୧୧. | ଝାଡ଼ଖଣ୍ଡ | ରାଞ୍ଚି |
| ୧୨. | କର୍ଣ୍ଣାଟକ | ବେଙ୍ଗାଲୁରୁ |
| ୧୩. | କେରଳ | ଥିରୁଅନନ୍ତପୁରମ୍ |
| ୧୪. | ମଧ୍ୟପ୍ରଦେଶ | ଭୋପାଳ |
| ୧୫. | ମହାରାଷ୍ଟ୍ର | ମୁମ୍ବାଇ |
| ୧୬. | ମେଘାଳୟ | ଶିଲଂ |
| ୧୭. | ମଣିପୁର | ଇମ୍ଫାଲ୍ |
| ୧୮. | ମିଜୋରାମ | ଆଇଜଲ |
| ୧୯. | ନାଗାଲାଣ୍ଡ | କୋହିମା |
| ୨୦. | ଓଡ଼ିଶା | ଭୁବନେଶ୍ୱର |
| ୨୧. | ପଞ୍ଜାବ | ଚଣ୍ଡିଗଡ଼ |
| ୨୨. | ରାଜସ୍ଥାନ | ଜୟପୁର |
| ୨୩. | ସିକିମ୍ | ଗ୍ୟାଙ୍ଗଟକ୍ |
| ୨୪. | ତାମିଲନାଡୁ | ଚେନ୍ନାଇ |
| ୨୫. | ତ୍ରିପୁରା | ଅଗରତାଲା |
| ୨୬. | ଉତ୍ତରାଖଣ୍ଡ | ଡେରାଡୁନ୍ |
| ୨୭. | ଉତ୍ତରପ୍ରଦେଶ | ଲକ୍ଷ୍ନୌ |
| ୨୮. | ପଶ୍ଚିମବଙ୍ଗ | କୋଲକାତା |

**କେନ୍ଦ୍ରଶାସିତ ଅଞ୍ଚଳ ରାଜଧାନୀ**

| | | |
|---|---|---|
| ୧. | ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ | ପୋର୍ଟବ୍ଲେୟାର |
| ୨. | ଚଣ୍ଡିଗଡ଼ | ଚଣ୍ଡିଗଡ଼ |
| ୩. | ଦାଦ୍ରା ଓ ନଗର ହାବେଲି | ସିଲଭାସା |
| ୪. | ଡାମନ ଓ ଡିଉ | ଡାମନ |
| ୫. | ଦିଲ୍ଲୀ | ଦିଲ୍ଲୀ |
| ୬. | ଲାକ୍ଷାଦ୍ୱୀପ | କାଭାର୍ତ୍ତୀ |
| ୭. | ପୁଡୁଚେରୀ | ପୁଡୁଚେରୀ |

***ତୁମ ପାଇଁ କାମ :***

- ମାନଚିତ୍ର ଦେଖି ଭାରତର ପୂର୍ବ ଉପକୂଳ ଓ ପଶ୍ଚିମ ଉପକୂଳରେ କେତୋଟି ଲେଖାଏଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଛି ତା'ର ସଂଖ୍ୟା ନିର୍ଣ୍ଣୟ କର ।
- କ୍ଷେତ୍ରଫଳ ଦୃଷ୍ଟିରୁ କେଉଁଟି ଭାରତର ସବୁଠାରୁ ବଡ଼ ଓ କେଉଁଟି ସବୁଠାରୁ ସାନ ରାଜ୍ୟ ?
- କେଉଁ ରାଜ୍ୟଗୁଡ଼ିକ ଆନ୍ତର୍ଜାତୀୟ ସୀମାରେଖାକୁ ସ୍ପର୍ଶ କରୁନାହାଁନ୍ତି କିମ୍ବା ଉପକୂଳବର୍ତ୍ତୀ ରାଜ୍ୟ ନୁହଁନ୍ତି ?
- ନିମ୍ନଲିଖିତ ଦେଶଗୁଡ଼ିକର ସୀମାରେଖା ସହିତ ଯେଉଁ ରାଜ୍ୟଗୁଡ଼ିକର ସୀମାରେଖା ସ୍ପର୍ଶ କରୁଅଛି ସେଗୁଡ଼ିକୁ ଚାରିଭାଗରେ ବିଭକ୍ତ କରି ଲେଖ ।

(କ) ପାକିସ୍ତାନ (ଖ) ଚୀନ୍ (ଗ) ମିଆଁମାର (ଘ) ବାଂଲାଦେଶ ।

**କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ବୃହତ୍ତମ ଏବଂ ଲାକ୍ଷାଦ୍ୱୀପ କ୍ଷୁଦ୍ରତମ ।**

**ରାଜସ୍ଥାନ କ୍ଷେତ୍ରଫଳ ଦୃଷ୍ଟିରୁ ବୃହତ୍ତମ ଏବଂ ଗୋଆ କ୍ଷୁଦ୍ରତମ ରାଜ୍ୟ ।**

# ପ୍ରଶ୍ନାବଳୀ

୧. **ପ୍ରତ୍ୟେକ ପ୍ରଶ୍ନପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଟିକୁ ବାଛି ଲେଖ ।**

(i) କର୍କଟକ୍ରାନ୍ତି ନିମ୍ନୋକ୍ତ କେଉଁ ରାଜ୍ୟ ଉପର ଦେଇ ଯାଇନାହିଁ ?

(କ) ଛତିଶଗଡ଼ (ଖ) ଆସାମ (ଗ) ରାଜସ୍ଥାନ (ଘ) ପଶ୍ଚିମବଙ୍ଗ

(ii) ଭାରତର ପଶ୍ଚିମତମ ଦ୍ରାଘିମାରେଖା କେଉଁଟି ?

(କ) ୯୭°୨୫' ପୂ. (ଖ) ୭୭°୬' ପୂ. (ଗ) ୬୮°୭' ପୂ. (ଘ) ୮୨°୩୦' ପୂ.

(iii) ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଏବଂ ସିକିମ୍ ରାଜ୍ୟଗୁଡ଼ିକର ସୀମାରେଖା କେଉଁ ଦେଶ ସହିତ ଲାଗିରହିଛି ?

(କ) ଚୀନ (ଖ) ଭୁଟାନ (ଗ) ନେପାଳ (ଘ) ମିଆଁମାର

(iv) ଆସନ୍ତା ଗ୍ରୀଷ୍ମାବକାଶରେ ତୁମେ ଯଦି କାଭାର୍ତ୍ତୀ ଯିବାକୁ ଚାହଁ ତେବେ ନିମ୍ନୋକ୍ତ ମଧ୍ୟରୁ କେଉଁ କେନ୍ଦ୍ରଶାସିତ ଅଞ୍ଚଳକୁ ଯିବ ?

(କ) ପୁଡୁଚେରୀ (ଖ) ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ (ଗ) ଲାକ୍ଷାଦ୍ୱୀପ (ଘ) ଡାମନ ଏବଂ ଡିଉ

(v) ମୋର ଜଣେ ବିଦେଶୀ ସାଙ୍ଗ ଯାହାର ଦେଶ ଆମ ଦେଶର ସୀମାକୁ ସ୍ପର୍ଶ କରୁନାହିଁ । ନିମ୍ନୋକ୍ତ ମଧ୍ୟରୁ ଦେଶଟିକୁ ବାଛ ।

(କ) ଭୁଟାନ (ଖ) ବାଂଲାଦେଶ (ଗ) ତାଜାକିସ୍ତାନ (ଘ) ନେପାଳ

୨. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(i) ଆରବ ସାଗରରେ ଥିବା କେନ୍ଦ୍ରଶାସିତ ଅଞ୍ଚଳର ନାମ କ'ଣ ?

(ii) ଭାରତର ଦକ୍ଷିଣ-ପୂର୍ବ ଦିଗରେ କେଉଁ ଦ୍ୱୀପପୁଞ୍ଜଟି ଅବସ୍ଥିତ ?

(iii) ଦକ୍ଷିଣ ଦିଗରେ ଥିବା କେଉଁ ଦୁଇଟି ଦ୍ୱୀପ ରାଷ୍ଟ୍ର ଆମର ପଡ଼ୋଶୀ ଦେଶ ଅଟନ୍ତି ?

(iv) କ୍ଷେତ୍ରଫଳ ଦୃଷ୍ଟିରୁ ଭାରତଠାରୁ ବଡ଼ ଦେଶଗୁଡ଼ିକର ନାମ କ'ଣ କ'ଣ ?

(v) ଭାରତର ପୂର୍ବ ଉପକୂଳରୁ କେଉଁ ଦେଶଗୁଡ଼ିକ ସହିତ ପୂର୍ବକାଳରେ ସମୁଦ୍ରପଥରେ ସଂପର୍କ ଥିଲା ?

୩. ଭାରତରେ ପୂର୍ବ ଓ ପଶ୍ଚିମ ଭାଗରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟରେ ଯଥାକ୍ରମେ ୨ ଘଣ୍ଟା ବ୍ୟବଧାନ ଥାଏ ମାତ୍ର ଘଣ୍ଟାରେ ସମାନ ଥାଏ । ଏହା କିପରି ସମ୍ଭବ ହୁଏ ?

୪. ମାନଚିତ୍ର କାର୍ଯ୍ୟ : ମାନଚିତ୍ର ଦେଖି ଚିହ୍ନଟ କର ।

(i) ଆରବ ସାଗରରେ ଓ ବଙ୍ଗୋପସାଗରରେ ଅବସ୍ଥିତ ଭାରତୀୟ ଦ୍ୱୀପପୁଞ୍ଜଗୁଡ଼ିକୁ ଚିହ୍ନଟ କର ।

(ii) ଭାରତ ଉପମହାଦେଶରେ ଥିବା ଦେଶ ସମୂହ ।

(iii) ଯେଉଁ ରାଜ୍ୟଗୁଡ଼ିକ ମଧ୍ୟଦେଇ କର୍କଟକ୍ରାନ୍ତି ଯାଇଅଛି ।

(iv) ମୂଳଭୂଖଣ୍ଡର ଦକ୍ଷିଣତମ ସ୍ଥାନର ଅକ୍ଷାଂଶ ।

(v) ଭାରତଠାରୁ ଶ୍ରୀଲଙ୍କାକୁ ପୃଥକ୍ କରୁଥିବା ସଂକୀର୍ଣ୍ଣ ଜଳରାଶି ।

(vi) କେନ୍ଦ୍ରଶାସିତ ଅଞ୍ଚଳ ସମୂହ ।

୫. (ପ୍ରୋଜେକ୍ଟ) ତୁମ ପାଇଁ କାମ :

(i) ତୁମ ରାଜ୍ୟର ଅକ୍ଷାଂଶୀୟ ଓ ଦ୍ରାଘିମାରେଖୀୟ ବିସ୍ତାର ଅଙ୍କନ କର ।

(ii) 'ସିଲ୍‌କମାର୍ଗ' ସମ୍ବନ୍ଧରେ ତଥ୍ୟ ସଂଗ୍ରହ କର । ତା'ସହିତ ଏହି ଉଚ୍ଚ ପାର୍ବତ୍ୟାଞ୍ଚଳରେ ଗମନାଗମନ ସୁବିଧା ପାଇଁ ହେଉଥିବା ବିକାଶ ସମ୍ବନ୍ଧରେ ଜାଣ ।

•••